## ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ସିଆର୍‌ସିସିଙ୍କ ବାଇକ୍ ଚୋରି

ଭଣ୍ଡାରିପୋଖରୀ,୪।୧ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ଜଣେ ସିଆର୍‌ସିସିଙ୍କ ବାଇକ୍ ଚୋରି ହୋଇଯାଇଛି। ଏନେଇ ସିଆର୍‌ସିସି ତ୍ରିଲୋଚନ ନାୟକ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଛନ୍ତି। ଗତ ୨୮ ତାରିଖରେ ସେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଯାଇଥିଲେ। ସେ ତାଙ୍କ ବାଇକ୍ ହ୍ୟାଣ୍ଡେଲ ଲକ୍ କରି ଭିତରକୁ ଯାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରୁ ଫେରି ବାଇକ୍ ଉକ୍ତ ସ୍ଥାନରେ ନ ଥିବା ଦେଖିଥିଲେ। ଖୋଜାଖୋଜି କରିବା ପରେ ବାଇକ୍ ନ ମିଳିବାରୁ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଡାକ୍ତରଖାନା ପରିସରରେ ଦୀର୍ଘଦିନ ହେବ ସିସିଟିଭି କ୍ୟାମେରା ଅଚଳ ହୋଇଥିବା ବେଳେ ଏବେ ବାଇକ୍ ଚୋରଙ୍କୁ ଧରିବା ପୋଲିସ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି କୁହାଯାଉଛି।

# ବାହାରକୁ ଚକ୍ ଚକ୍, ଭିତରେ ଅଚଳାବସ୍ଥା

### ସଞ୍ଜ ପରେ ପୀରହାଟ ଥାନା ରାସ୍ତା ଅନ୍ଧାର

ତିହିଡ଼ି, ୪।୧ (ସଞ୍ଜିତ ବଳ)

ତିହିଡ଼ି ବ୍ଲକ ପୀରହାଟ ଥାନାରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଅଭାବରୁ ଅଚଳାବସ୍ଥା ଦେଖାଦେଇଛି। ନୂଆ ରୂପରେଖରେ ଥାନା ବାହାରକୁ ଚକ୍ ଚକ୍ ଦିଶୁଥିଲେ ମଧ୍ୟ ଭିତରେ ଏଭଳି ଅଚଳାବସ୍ଥା ଯୋଗୁ ଥାନା ଅଧିକାରୀ ଓ ଅନ୍ୟ କର୍ମଚାରୀଙ୍କ ଉପରେ କାର୍ଯ୍ୟର ଅତ୍ୟଧିକ ଚାପ ପଡୁଥିବା କୁହାଯାଉଛି। ଏହାବ୍ୟତୀତ ଭଦ୍ରକ-ଚାନ୍ଦବାଲି ରାସ୍ତାର ବିନ୍ଧାବଜାରଠାରୁ ଥାନା ପର୍ଯ୍ୟନ୍ତ ଆଲୋକୀକରଣ ବ୍ୟବସ୍ଥା ହୋଇ ନ ଥିବାରୁ ସଞ୍ଜ ପରେ ଥାନା ରାସ୍ତା ଅନ୍ଧାରରେ ରହୁଛି। ଫଳରେ ରାତିରେ ଅଭିଯୋଗକାରୀମାନେ ଥାନାକୁ ଯିବାକୁ ଭୟଭୀତ ହେଉଛନ୍ତି।

୨୦୨୦ରେ ପୀରହାଟ ଫାଣ୍ଡି ଥାନାର ମାନ୍ୟତା ପାଇଥିଲା। ପରେ ବିନ୍ଧାବଜାରଠାରୁ କିଛି ଦୂରରେ ଥାନା




ନୂଆ ରୂପରେଖ ନେଇଥିଲା। ଗତବର୍ଷ ମାର୍ଚ୍ଚରେ ନୂତନ ଥାନା ଉଦ୍‌ଘାଟନ ପରେ ଅଗଷ୍ଟଠାରୁ କାର୍ଯ୍ୟକ୍ଷମ ହୋଇଥିଲା। ବ୍ଲକର ୧୨ଟି ପଞ୍ଚାୟତ ଏହି ଥାନା ଅଧୀନରେ ଅଛି। ପୀରହାଟ ଓ ଗଦି ପରି ୨ଟି ବ୍ୟସ୍ତବହୁଳ ବଜାର ମଧ୍ୟ ଏହି ଥାନା ଅଧୀନରେ ରହିଛି। ଏସବୁ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଆବଶ୍ୟକ ଥିବା କର୍ମଚାରୀଙ୍କ ଅଭାବ ଦେଖାଦେଇଛି। ଥାନାରେ ୩ ଏସ୍‌ଆଇଙ୍କ ସ୍ଥାନରେ ୨ଜଣ ଓ ୩ ଏଏସ୍‌ଆଇଙ୍କ ସ୍ଥାନରେ ଜଣେ ମାତ୍ର କାର୍ଯ୍ୟରତ ଅଛନ୍ତି। ସେହିପରି ଜଣେ ହାବିଲଦାର ଥିବାବେଳେ ସେ ସବୁବେଳେ ୧୧୨ (ଇଆର୍‌ଏସ୍‌ଏସ୍) ଭ୍ୟାନ୍‌ରେ ନିୟୋଜିତ ରହୁଛନ୍ତି। ପୂର୍ବରୁ ଥାନାରେ ୧୨ଜଣ କନ୍‌ଷ୍ଟେବଲ ଥିଲେ। ଏବେ ମାତ୍ର ୫ଜଣ ଥିବାବେଳେ ତାଙ୍କ ଭିତରୁ ଜଣେ ୧୧୨(ଇଆର୍‌ଏସ୍‌ଏସ୍) ଭ୍ୟାନ୍‌ରେ ଓ ଅନ୍ୟ ଜଣେ ଭିଏଚ୍‌ଏଫ୍‌ରେ ନିୟୋଜିତ ରହୁଛନ୍ତି। ଅନ୍ୟ ୩ ଜଣଙ୍କ ମଧ୍ୟରୁ ୨ଜଣ ମହିଳା କନ୍‌ଷ୍ଟେବଲ। ଏତେ କମ୍ ସଂଖ୍ୟକ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବା କଷ୍ଟସାଧ୍ୟ ହେଉଛି। ଅପରପକ୍ଷେ ମାତ୍ର ୨ଜଣ ହୋମଗାର୍ଡ କାର୍ଯ୍ୟରତ ଅଛନ୍ତି। ଥାନା ଅଧୀନରେ ଥିବା ପଞ୍ଚାୟତ ମଧ୍ୟରୁ ଶ୍ୟାମସୁନ୍ଦରପୁର, ସାହାପୁର, ନରେନ୍ଦ୍ରପୁର, ବାରସର, ଗୋବିନ୍ଦପୁର ଆଦି ପଞ୍ଚାୟତ ଥାନାଠାରୁ ୧୦ କି.ମି.ରୁ ଅଧିକ ଦୂରତାରେ ଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ବ୍ୟାହତ ହେଲେ ତୁରନ୍ତ ପଦକ୍ଷେପ ନେବା ସମ୍ଭବ ନୁହେଁ ବୋଲି କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଥାନାରେ ଆବଶ୍ୟକ କର୍ମଚାରୀ ପଦବୀ ପୂରଣ ଦିଗରେ ପଦକ୍ଷେପ ନିଆଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ପୀରହାଟ ଥାନା ଆଇଆଇସି ଅଜୟ କୁମାର ମୁର୍ମୁ କହିଛନ୍ତି, କର୍ମଚାରୀ ଅଭାବରୁ ବହୁ ସମସ୍ୟା ସୃଷ୍ଟି ହେଉଛି। ଏ ସମ୍ପର୍କରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ବିଦ୍ୟାଳୟରେ ଯୋଗଦେଲେ ସଂସ୍କୃତ ଶିକ୍ଷକ

ଧୂଷୁରୀ,୪।୧ (ଦୀପ୍ତିରଞ୍ଜନ ନାୟକ)

**ଧରିତ୍ରୀ ପ୍ରଭାବ**

ଚାନ୍ଦବାଲି ବ୍ଲକର ସୁନ୍ଦରପୁର ଦଧିବାମନ ଜୀଉ ଉଚ୍ଚ ବିଦ୍ୟାଳୟରେ ଶନିବାର ଜଣେ ସଂସ୍କୃତ ଶିକ୍ଷକ ଯୋଗ ଦେଇଛନ୍ତି। ଶିକ୍ଷକ ଅଭାବରୁ ଏହି ବିଦ୍ୟାଳୟରେ ଶିକ୍ଷାଦାନରେ ବାଧା ସୃଷ୍ଟି ହୋଇଥିଲା। କିଛିବର୍ଷ ହେଲା ଏହି ସମସ୍ୟା ଲାଗି ରହିଥିଲା। ବିଶେଷକରି ସଂସ୍କୃତ ଶିକ୍ଷକ ନ ଥିବାରୁ ୨ ବର୍ଷ ହେଲା ବିଦ୍ୟାଳୟରେ ୯ମ ଓ ୧୦ମ ଶ୍ରେଣୀର ଛାତ୍ରୀଛାତ୍ର ଏହି ବିଷୟ ଅଧ୍ୟୟନ କରିପାରୁ ନ ଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଥିଲା। ଏ ସଂକ୍ରାନ୍ତରେ ଗତ ଡିସେମ୍ବର ୧୨ରେ 'ଶିକ୍ଷକ ଅଭାବ ନେଇ ତେଜୁଛି ଅସନ୍ତୋଷ' ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହି ଖବରକୁ ଭଦ୍ରକ ଜିଲାପାଳ ଗୁରୁତ୍ୱର ସହ ଗ୍ରହଣ କରି ଉକ୍ତ ବିଦ୍ୟାଳୟରେ ଯଥାଶୀଘ୍ର ଜଣେ ସଂସ୍କୃତ ଶିକ୍ଷକଙ୍କୁ ସପ୍ତାହରେ ୩ ଦିନ ପାଇଁ କାର୍ଯ୍ୟ କରିବାକୁ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଶିକ୍ଷାଧିକାରୀ ଡିସେମ୍ବର ୨୧ରେ ବାଟୋଳ ବିଏସ୍‌ଏସ୍ ହାଇସ୍କୁଲରେ କାର୍ଯ୍ୟରତ ସଂସ୍କୃତ ଶିକ୍ଷକ ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କୁ ଅଫିସ ଅର୍ଡର ନମ୍ବର ୧୧୯୩୫/ ୨୧।୧୨।୨୦୨୪ରେ ଉକ୍ତ ବିଦ୍ୟାଳୟରେ ଗୁରୁବାର, ଶୁକ୍ରବାର ଓ ଶନିବାର କାର୍ଯ୍ୟ କରିବାକୁ ଲିଖିତ ଆଦେଶ ପତ୍ର ପ୍ରଦାନ କରିଥିଲେ। ଖ୍ରୀଷ୍ଟମାସ ଛୁଟି ଯୋଗୁ ବିଦ୍ୟାଳୟ ବନ୍ଦ ରହିଥିଲା। ଶନିବାର ଶିକ୍ଷକ ମହାପାତ୍ର ଏହି ସ୍କୁଲରେ ଯୋଗଦେଇ ଶିକ୍ଷାଦାନ କରିଛନ୍ତି। ଉକ୍ତ ଶିକ୍ଷକଙ୍କ ଶିକ୍ଷାଦାନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ନିଶ୍ଚୟ ଉପାଦେୟ ହେବ ବୋଲି ଗ୍ରାମବାସୀ, ସୁନ୍ଦରପୁର ପଞ୍ଚାୟତ ସମିତିସଭ୍ୟ ଶରତ ଚନ୍ଦ୍ର ବେହୁରିଆ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ବ୍ରଜକିଶୋର ପଣ୍ଡା, ସଦାନନ୍ଦ ମଲିକ ଓ ଲକ୍ଷ୍ମୀପ୍ରିୟା ଦାସ ପ୍ରକାଶ କରିଛନ୍ତି। ଏଥିସହ ସେମାନେ ଧରିତ୍ରୀ, ଜିଲାପାଳ ଦିଲୀପ ରାଉତରାଏ, ଜିଲା ଶିକ୍ଷାଧିକାରୀ ଅକ୍ରୂର ବାରିକ ଓ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ପ୍ରଣୟ କୁମାର ନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସ୍କୁଟି ଓ କାର୍‌ରୁ ବ୍ରାଉନସୁଗାର ଜବତ, ୨ ଭାଇ ଗିରଫ

ଭଦ୍ରକ,୪।୧ (ସନାତନ ରାଉତ)

ଭଦ୍ରକ ଟାଉନ ଥାନା ଅଧୀନ ଚରମ୍ପା ଗୁଣ୍ଡୁଣିଆ ବଜାରରୁ ଶୁକ୍ରବାର ଏକ ସ୍କୁଟି ଓ କାର୍‌ରୁ ୯.୫ ଗ୍ରାମ୍ ବ୍ରାଉନସୁଗାର ପୋଲିସ ଜବତ କରିଛି। ଏଥିସହ ୨ଭାଇଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଚରମ୍ପା ବରାଳପୋଖରୀ ଗ୍ରାମର କାହ୍ନୁଚରଣ ନାୟକ(୨୨) ଓ ତାଙ୍କ ବଡ଼ଭାଇ କାଳନ୍ଦୀ ନାୟକ(୨୭)। ଶନିବାର ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ସୂଚନା ଦେଇ କହିଛନ୍ତି ଯେ, ଏକ ବିଶେଷ ସୂତ୍ରରୁ ଖବର ପାଇ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଗୋଇନ୍ଦା ବିଭାଗର ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀଙ୍କ ନେତୃତ୍ୱରେ ଏକ ଟିମ୍ ଗୁଣ୍ଡୁଣିଆ ବଜାର ନିକଟରେ ଜଗି ରହିଥିଲା। ବାଲେଶ୍ୱର ଆଡୁ ଆସୁଥିବା ଏକ ସ୍କୁଟି ଓ ହୁଣ୍ଡାଇ ଭର୍ଣ୍ଣା କାର୍‌କୁ ଅଟକାଇ ଯାଞ୍ଚ କରିବା ପରେ ସେଥିରୁ ବ୍ରାଉନସୁଗାର ମିଳିଥିଲା। ସ୍କୁଟି ଓ କାର୍ ଚାଳକ ୨ ଭାଇଙ୍କୁ ଗିରଫ କରିବା ସହ କାର୍ ଓ ସ୍କୁଟିକୁ ଜବତ କରି ଥାନାକୁ ନିଆଯାଇଥିଲା। ଏନେଇ ଏକ ମାମଲା (ନଂ. ୧୧/୨୫) ରୁଜୁ କରି ଦୁଇଜଣଙ୍କୁ ଜେଲ୍ ପଠାଇ ଦିଆଯାଇଛି। ଚରମ୍ପା ଅଞ୍ଚଳରେ ଦୀର୍ଘଦିନ ଧରି ବ୍ରାଉନସୁଗାର କାରବାର ବଢ଼ିଥିବାରୁ ପୋଲିସ ଉକ୍ତ ଅଞ୍ଚଳରେ ସ୍ୱତନ୍ତ୍ର ଦୃଷ୍ଟି ଦେଇଥିବା ଅତିରିକ୍ତ ଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ଗୋଇନ୍ଦା ବିଭାଗର ଅତିରିକ୍ତ ଏସ୍‌ପି ଦ୍ୱିବେଦୀ ଓ ଟାଉନ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ ଉପସ୍ଥିତ ଥିଲେ।

## ଉଦ୍‌ଯାପନୀ ସନ୍ଧ୍ୟାରେ ଆକର୍ଷଣ ଫ୍ୟାଶନ ଶୋ



### ସରିଲା ଆଗରପଡ଼ା ଯୁବ ମହୋତ୍ସବ

ଆଗରପଡ଼ା,୪।୧ (ସୁଶାନ୍ତ ଦାଶ)

ଆଗରପଡ଼ା ହେମପଦ୍ମା ଗାଲାକ୍ସିଠାରେ ଚାଲିଥିବା ଯୁବ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଦର୍ଶକଙ୍କ ପାଇଁ ମୁଖ୍ୟ ଆକର୍ଷଣ ଥିଲା ଫ୍ୟାଶନ ଶୋ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହା ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲା। ମୁଖ୍ୟଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ ଦାସ ଏବଂ ଅନ୍ୟତମ ଅତିଥି ଭାବେ ବନ୍ତ ବ୍ଲକ କଂଗ୍ରେସ ସଭାପତି ରାଜକିଶୋର ସ୍ୱାଇଁ, ପୂର୍ବତନ ସରପଞ୍ଚ ରବିନାରାୟଣ ମହାନ୍ତି, ଉପଦେଷ୍ଟା ଚିତ୍ତରଞ୍ଜନ ସାମନ୍ତରାୟ, ନିରୋଜ ଆଇଚ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆଗରପଡ଼ା ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଆୟୋଜିତ ସୁନାବୋହୂର ବିଜେତା ଜ୍ୟୋତ୍ସ୍ନାରାଣୀ ପୁହାଣଙ୍କୁ ସୁନା ମୁକୁଟ ଓ ମିସ୍ ଆଗରପଡ଼ାର ବିଜେତା ଭୂମିକା ରାଣୀ ଖୁଣ୍ଟିଆଙ୍କୁ ଅତିଥିମାନେ ରୂପା ମୁକୁଟ ପ୍ରଦାନ କରିଥିଲେ। ଚଳିତବର୍ଷ କମିଟି ପକ୍ଷରୁ ସ୍ୱର୍ଗତ ରାଧାକୃଷ୍ଣ ମହାନ୍ତିଙ୍କୁ ସ୍ୱତନ୍ତ୍ର ଭାବେ ମରଣୋତ୍ତର 'ଆଗରପଡ଼ା ରତ୍ନ' ପ୍ରଦାନ କରାଯାଇଛି। କମିଟି ସଭାପତି ଇଂ. ଅମିୟ ରଞ୍ଜନ ରାମ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ପୁହାଣ ମଞ୍ଚ ପରିଚାଳନା ଓ ସରପଞ୍ଚ ତଥା ଉପସଭାପତି ପ୍ରକାଶ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ପଡ଼ିଆରେ ଲାଗିଥିବା ଦୋଳି, ମୀନାବଜାର ଓ ଖାଦ୍ୟ ଷ୍ଟଲ୍‌ରେ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଭିଡ଼କୁ ଦୃଷ୍ଟିରେ ରଖି ଆଗରପଡ଼ା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ଭଦ୍ରକ ସାଂସ୍କୃତିକ ମହୋତ୍ସବ

ଭଦ୍ରକ,୪।୧ (ରବିନାରାୟଣ ଖିଲାର)

ଭଦ୍ରକ ହେଉଛି ସାରସ୍ୱତର ମାଟି। ସଂଗ୍ରାମୀ, ତ୍ୟାଗ ଓ ବଳିଦାନର ମାଟି। ଭଦ୍ରକ ସାଂସ୍କୃତିକ ମହୋତ୍ସବ ଭାଇଚାରା ସମ୍ପର୍କକୁ ସୁଦୃଢ଼ କରିଥାଏ। ୯ବର୍ଷ ଧରି ଏହି ମହୋତ୍ସବ ଭଦ୍ରକବାସୀଙ୍କୁ ଭାଇଚାରା ସମ୍ପର୍କର ବାର୍ତ୍ତା ଦେଇ ଆସୁଛି ବୋଲି ଉଦ୍‌ଘାଟନୀ ଦିବସରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଞ୍ଜୀବ ହିରୋ ପ୍ରାୟୋଜିତ ଏହି ମହୋତ୍ସବକୁ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଓ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ପ୍ରାକ୍ତନ କାଉନସିଲର ପ୍ରବୀର ଜେନା, ମୁଖ୍ୟବକ୍ତା ଆଖଣ୍ଡଳମଣି କଲେଜ ଅଧ୍ୟକ୍ଷ ନୀହାର ରଞ୍ଜନ କର ଏବଂ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ତାହେର ମହମ୍ମଦ, ଯୁବନେତା ବବୁଲ ଦାସ, ଜିତୁ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ଦେଇଥିଲେ କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି। ଉପଦେଷ୍ଟା ଜାନକୀ ପାଢ଼ୀ, ଅଞ୍ଜନା ମିଶ୍ର, ଉପସଭାପତି ମନୋରମା ରାୟ, ଚଇତାଳି ଖିଲାର ବନ୍ଦେ ଉତ୍କଳ ଜନନୀ ଗାନ ଓ ତେଜସ୍ୱିନୀ ଦାସ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ, ବ୍ୟାଚ୍ ପ୍ରଦାନ କରିଥିଲେ। ଶରତ ସାହୁ ବେଦ ପାଠ କରିଥିଲେ। ସାଂସ୍କୃତିକ ସମ୍ପାଦକ ପ୍ରଭାତ ଜେନା, ସୀତାକାନ୍ତ ପାଢ଼ୀ, ଆବାହକ ଅବିନାଶ ପଣ୍ଡା, ଜଗବନ୍ଧୁ ବେହେରା, ଅଜୟ ପଣ୍ଡା, ରାଜେଶ ଦାସ, କମଳଲୋଚନ ପଣ୍ଡା, ରମେଶ ପାଗଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଚୁନିଦା ଉତ୍କଳ ଗ୍ରୁପ୍ ମୁଖ୍ୟ କାହ୍ନୁ ସାହୁଙ୍କ ନେତୃତ୍ୱରେ ନାଟକ ପରିବେଷଣ ହୋଇଥିଲା। କମିଟିର ସାଧାରଣ ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ମହୋତ୍ସବରେ ଉପସ୍ଥିତ ଅତିଥି।

## ନଦୀବନ୍ଧ, ପୋଲ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର

ଭଦ୍ରକ,୪।୧ (ସନାତନ ରାଉତ)

ଭଦ୍ରକ ବ୍ଲକର ଅର୍ଣ୍ଣପାଳ ପଞ୍ଚାୟତ ନାଳିଆ ନଦୀର ରାଜମୁକୁନ୍ଦପୁରଠାରେ ନୂତନ ପୋଲ ନିର୍ମାଣ ପାଇଁ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୫ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ସେତୁ ନିର୍ମାଣ କରାଯିବ। ଏହାସହ ବନ୍ୟା ପ୍ରତିରୋଧ ପାଇଁ ଅର୍ଣ୍ଣପାଳ ହାଟଠାରୁ ରାଜୁଆଳିବିନ୍ଧା ପର୍ଯ୍ୟନ୍ତ ନଦୀର ବାମପାର୍ଶ୍ୱ ବନ୍ଧ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସାଳନ୍ଦୀ କେନାଲ ଡିଭିଜନ ଅଧୀନରେ ୪ କୋଟି ଟଙ୍କା ବ୍ୟୟରେ ଏହି ନଦୀବନ୍ଧ ନିର୍ମାଣ ହେବ। ଏମ୍‌ପି ଅଭିମନ୍ୟୁ ସେଠୀ ଦୁଇ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଆର୍‌ଡି-୧ର ଅଧୀକ୍ଷଣ ଯନ୍ତ୍ରୀ କାନନ ପ୍ରଧାନ, ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଇମୋହନ ବେଶ୍ରା, ଆଇନଜୀବୀ ନିତ୍ୟାନନ୍ଦ ନାୟକ, ସମିତିସଭ୍ୟ ସୁମିତ୍ରା ମହାଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାସ୍କର ସାହୁ, ଭାଜପା ଯୁବନେତା ସପନ ଦାସ, ନରହରି ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। ମା' ସାତଭଉଣୀ ମଣ୍ଡଳ ସଭାପତି ଆଦିକନ୍ଦ ନାୟକ ପରିଚାଳନା କରିଥିବା ବେଳେ ବିନୋଦ ନାୟକ ଧନ୍ୟବାଦ ଦେଇଥିଲେ।

## ଜବରଦଖଲରେ ସରକାରୀ ରାସ୍ତା

### ଅବରୋଧମୁକ୍ତ ପାଇଁ ଜିଲାପାଳଙ୍କଠାରେ ଦାବି

ଭଦ୍ରକ,୪।୧ (ସନାତନ ରାଉତ)

ଭଦ୍ରକ ବ୍ଲକ ଓଲଙ୍ଗ ପଞ୍ଚାୟତର ଗୋବିନ୍ଦପୁର ଗ୍ରାମରେ ସରକାରୀ ରାସ୍ତା ଜବରଦଖଲରେ ରହିଛି। ଏଥିଯୋଗୁ ରାସ୍ତା ନିର୍ମାଣ ହୋଇପାରୁ ନାହିଁ। ଉକ୍ତ ରାସ୍ତାକୁ ଅବରୋଧମୁକ୍ତ କରିବା ପାଇଁ ଗ୍ରାମବାସୀ ଶନିବାର ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ଗ୍ରାମରେ ଥିବା ସରକାରୀ ଗ୍ରାମ୍ୟ ରାସ୍ତା ଖସଡ଼ା ନଂ ୬୯୩କୁ ଅଧିବାସୀ ଦୈନନ୍ଦିନ ରାସ୍ତା ଭାବେ ବ୍ୟବହାର କରିବା ସହ କୃଷି କ୍ଷେତ୍ରକୁ ଯିବା ପାଇଁ ଏହା ମୁଖ୍ୟରାସ୍ତା।



ଜିଲାପାଳ ଦିଲୀପ ରାଉତରାଏଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସେହି ରାସ୍ତାକୁ ଗ୍ରାମର କିଛି ମୁଷ୍ଟିମେୟ ଲୋକ ଅବରୋଧ କରି ନିଜ ଦଖଲରେ ରଖିଥିବାରୁ ଗ୍ରାମବାସୀ ଗମନାଗମନ କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାଦିନେ ରାସ୍ତାରେ ଆଣ୍ଠୁଏ ପାଣି ହେବା ଫଳରେ ଯିବାଆସିବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ। ଉକ୍ତ ରାସ୍ତାର ନବୀକରଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ରାସ୍ତା ଅବରୋଧ ହୋଇଥିବାରୁ ଅଦ୍ୟାବଧି କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ ବୋଲି ଗ୍ରାମର ପଦ୍ମଲୋଚନ ପଣ୍ଡା, ମନୋରଞ୍ଜନ ବେହେରା, ରବୀନ୍ଦ୍ର ପଣ୍ଡା, କମଳଲୋଚନ ପଣ୍ଡା, ଶେଖ୍ ସଦାମ୍, ବ୍ରହ୍ମାନନ୍ଦ ସେଠୀ, ଗୋଲାମ ସାହା ପ୍ରମୁଖ ଜିଲାପାଳ ନିକଟରେ ଅଭିଯୋଗ କରିଛନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ଦିଲୀପ ରାଉତରାଏ କହିଛନ୍ତି। ତହସିଲଦାରଙ୍କୁ ମଧ୍ୟ ଅଭିଯୋଗପତ୍ର ପ୍ରଦାନ କରାଯାଇଛି।

## 'ଗୌରାଙ୍ଗ ଚନ୍ଦ୍ର ମହାନ୍ତି ତ୍ୟାଗତୀର୍ଥ ସଂଗ୍ରାମୀ ଥିଲେ'

ବାସୁଦେବପୁର,୪।୧ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁରର ଗାନ୍ଧୀ ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କ ୨୭ତମ ଶ୍ରାଦ୍ଧ ଦିବସ ସମାରୋହ ଶନିବାର ରକ୍ତତୀର୍ଥ ଇରମଠାରେ ଅନୁଷ୍ଠିତ ହୋଇଯାଇଛି। ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ସ୍ମୃତି ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ଅବସରରେ କହିଥିଲେ, ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତି ଜଣେ ତ୍ୟାଗତୀର୍ଥ ସଂଗ୍ରାମୀ ଥିଲେ। ଦେଶମାତୃକାର ସ୍ୱାଧୀନତା ପାଇଁ ବାସୁଦେବପୁର ଅଞ୍ଚଳରୁ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଇ ସେ ୪ ବର୍ଷ ୬ ମାସ କାରାବରଣ କରିଥିଲେ। ତାଙ୍କ ନୀତି ଆଦର୍ଶରେ ଯୁବ ସମାଜ ଅନୁପ୍ରାଣିତ ହେଲେ ଏହା ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ। ଅନ୍ୟତମ ଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ କହିଥିଲେ,



ଶ୍ରାଦ୍ଧ ସମାରୋହରେ ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ଅଶୋକ ଦାସ ଓ ଅନ୍ୟମାନେ।

ସଂଗ୍ରାମୀ ମହାନ୍ତିଙ୍କ ସଂଗ୍ରାମକୁ କେବେ ବି ଭୁଲି ହେବ ନାହିଁ। ସେହି ମହାନ୍ ସଂଗ୍ରାମୀଙ୍କ ଜୀବନାବଳୀକୁ ବିଶେଷକରି ଛାତ୍ର ସମାଜ ନିଜ ମଧ୍ୟରେ ପ୍ରତିଫଳିତ କରିପାରିଲେ, ଏହା ସେମାନଙ୍କୁ ଆଗକୁ ଯିବାକୁ ବାଟ ଦେଖାଇବ। ଅତିଥି ଭାବେ ଇରମ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗଙ୍ଗାଧର ପଣ୍ଡା ଓ ସମ୍ପାଦକ ବଟଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ସ୍ମୃତି ସଂସଦର ସଭାପତି ପୂର୍ଣ୍ଣଚନ୍ଦ୍ର ପରିଡ଼ା ସଭାପତିତ୍ୱ ଓ ଉପଦେଷ୍ଟା ଦୁଶାସନ ରାଉତ ମଞ୍ଚ ପରିଚାଳନା କରିଥିଲେ।

ଏହି ଅବସରରେ ଇରମଠାରେ ଥିବା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ସ୍ୱର୍ଗତ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ତାଙ୍କ ପୁଅ ମାନସ ମହାନ୍ତି, ଗଙ୍ଗାଧର ଘଡ଼େଇ, ତ୍ରୈଲୋଚନ ଜେନା, ପ୍ରହ୍ଲାଦ ବାରିକ୍, ଅଜୟ ପଣ୍ଡା, ଭାଗୀରଥି ମହାନ୍ତି, ବସନ୍ତ ଦାସ, ରତ୍ନାକର ବାରିକ୍, କୈଳାସ ନାଥ, ପ୍ରଦୀପ୍ତ ମହାନ୍ତି ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ସକାଳେ ବରଣ୍ଡୁଆସ୍ଥିତ ବାସଭବନରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ସ୍ଥାନୀୟ ଅଞ୍ଚଳବାସୀ ଓ ତାଙ୍କ ପୁତ୍ରବଧୂ ରେଖା ପଟ୍ଟନାୟକ, ପୁଅ ମାନସ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ।

## ବନ୍ଧୁତ୍ୱପୂର୍ଣ୍ଣ ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ୍

ଚାନ୍ଦବାଲି,୪।୧ (କିଷାନ ପାତ୍ର)

ଚାନ୍ଦବାଲି ମିନିଷ୍ଟାଡିୟମ୍‌ରେ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦବାଲି ଥାନା ଅଧିକାରୀ ପଞ୍ଚାନନ ମହାନ୍ତି ଆନୁଷ୍ଠାନିକ ଭାବେ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ସଙ୍ଗଠକ ଅମୂଲ୍ୟ କୁମାର ରାଉତ, ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସ, ସାମାଜିକ କର୍ମୀ ବିକ୍ରମ ଦାସ, ସୁବାସ ନନ୍ଦୀ, କିଶୋର ଦାସ, ସୀତାଂଶୁ ଦାସ, ବିଶ୍ୱନାଥ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଚାନ୍ଦ କ୍ଲବ୍ ଚାନ୍ଦବାଲି ଓ କେକେଏସ୍ ସ୍ପୋର୍ଟିଂ କ୍ଲବ୍ କଇଥଖୋଲା, ଧାମରା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଚାନ୍ଦ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ୧୦୮ ରନ୍ କରିଥିଲା। ଜବାବରେ କଇଥଖୋଲା ୯ ଓଭରରେ ୩ ଉଇକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। କଇଥଖୋଲା ଟିମ୍‌ର ଖେଳାଳି ଶ୍ରୀକାନ୍ତ ମହାନ୍ତି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅମ୍ପାୟାର ଭାବେ ସ୍ୱାଗତ ସ୍ୱାଇଁ ଏବଂ ସୌମ୍ୟରଞ୍ଜନ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ।

## ଶୀତଦିନେ କମୁଛି ଛତୁ ଉତ୍ପାଦନ

ନଳାଙ୍ଗ,୪।୧ (ସାଇଶଙ୍କର ମହାକୁଳ)

ଏବେ ଶୀତର ପ୍ରକୋପ ବଢ଼ୁଥିବା କାରଣରୁ ଛତୁ ଉତ୍ପାଦନ ହ୍ରାସ ପାଇଛି। କିଛି କ୍ଷୁଦ୍ର ଚାଷୀ ଥଣ୍ଡାରେ ଫାର୍ମର ଉତ୍ପାଦନ ବଢ଼ାଇବାକୁ ଆବଶ୍ୟକ ଉପକରଣ ଯଥା ଉତ୍ତାପ ପାଇଁ ରାତି ସମୟରେ ସମ୍ପୂର୍ଣ୍ଣ ଲାଇଟ୍ ଓ କଭର କରିବାର ସମ୍ପୂର୍ଣ୍ଣ ଉପକରଣ କିଣି ନ ପାରି ଫାର୍ମ ବନ୍ଦ କରି ଦେଉଛନ୍ତି।

ଭଣ୍ଡାରିପୋଖରୀ ବ୍ଲକ ପାଟୁଳି ଗ୍ରାମର ଚାଷୀ ଦୁଃଶାସନ ପାଲଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ଥଣ୍ଡା ବଢ଼ୁଥିବା କାରଣରୁ ଛତୁ ଫାର୍ମଗୁଡ଼ିକରେ ଉପଯୁକ୍ତ ଉତ୍ତାପ ପାଇଁ ଆବଶ୍ୟକ ଲାଇଟ୍‌ର ବ୍ୟବସ୍ଥା ସହ ଫାର୍ମକୁ ରାତି ସମୟରେ ଜରି ସାହାଯ୍ୟରେ ଆଚ୍ଛାଦିତ କରିବାକୁ ପଡ଼ିଥାଏ। ଯାହାକି ଚାଷୀ କ୍ଷେତ୍ରରେ ମହଙ୍ଗା ହୋଇଥାଏ। ଏଣୁ ଏହି ସମୟରେ ଛତୁ ଉତ୍ପାଦନ କମ୍ ପରିମାଣରେ ବାହାରୁଛି। ଫଳରେ ଖୁଚୁରା ବେପାରୀଙ୍କୁ କିଲୋ ପ୍ରତି ୨୫୦ ଟଙ୍କାରୁ



ବନ୍ଦ ରହିଥିବା ଏକ ଛତୁ ଫାର୍ମ।

୩୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଉଛି। ବେପାରୀମାନେ ଗ୍ରାହକମାନଙ୍କୁ ବଜାରର ସ୍ଥିତି ଦେଖି କିଲୋ ପିଛା ୩୨୦ରୁ ୩୫୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରୁଛନ୍ତି। ସେହିପରି ଭଦ୍ରକ ବ୍ଲକ ଅଧୀନ ରାନ୍ଦିଆ ପଞ୍ଚାୟତ ବଡ଼ଖୁଆ ଗ୍ରାମର ଚାଷୀ ରଞ୍ଜନ ମହାପାତ୍ର କହିଛନ୍ତି, ଛତୁ ଚାଷ ପାଇଁ ମୁଖ୍ୟତଃ ଉତ୍ତମ ନଡ଼ା, ଅମଳକ୍ଷମ ମଞ୍ଜି ଓ ଚାଷ ଉପଯୋଗୀ ପାଗ ଆବଶ୍ୟକ। କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ହେଉଛି ଉପଯୋଗୀ ଜଳବାୟୁ। ଛତୁ ଉତ୍ପାଦନ ଲାଗି ତାପମାତ୍ରା ଉପଯୋଗୀ ହୋଇଥାଏ। ଜାନୁଆରୀ ଆରମ୍ଭରୁ ଥଣ୍ଡାର ପ୍ରକୋପ ବୃଦ୍ଧି ପାଉଥିବାରୁ ଏକାଧିକ ଫାର୍ମ ବନ୍ଦ ହୋଇ ପଡ଼ିଛି ବୋଲି ଭଦ୍ରକ ବ୍ଲକ କଲେଇ ପଞ୍ଚାୟତର ଚାଷୀ ଭାସ୍କର ମିଶ୍ର ପ୍ରକାଶ କରିଛନ୍ତି। ଉଭୟ ଚାଷୀ ଓ ବେପାରୀ କ୍ଷତି ସହୁଛନ୍ତି। ସମୟ ସମୟରେ ଦର ବୃଦ୍ଧି କାରଣରୁ ଚାଷୀଙ୍କ ପାଖରେ ଉଚିତ୍ ମୂଲ୍ୟରେ ଛତୁ ବିକ୍ରି ନ ହୋଇ ନଷ୍ଟ ହେଉଥିବା ବେଳେ ଗ୍ରାହକଙ୍କୁ ବିକି ନ ପାରି କ୍ଷତି ସହୁଛନ୍ତି ଖୁଚୁରା ବେପାରୀ।

### ଗ୍ୟାସ ଫିଲିଂ ଦୋକାନରେ ଅଗ୍ନିକାଣ୍ଡ

ଯୋଡ଼ା,(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସହରର ଏନ୍‌ଏସି ଗେଟ୍ ଛକ ନିକଟରେ ଥିବା ଏକ ଗ୍ୟାସ ଦୋକାନରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଗ୍ୟାସ ଦୋକାନରେ ଥିବା ୫ କେଜିର ଗ୍ୟାସ ଟାଙ୍କିରେ ବେଆଇନ ଭାବେ ଗ୍ୟାସ ଭର୍ତ୍ତି କରୁଥିବା ବେଳେ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ପ୍ରାୟ ୪୫ ମିନିଟ ପରେ ଅଗ୍ନିଶମ ବାହିନୀ ପହଞ୍ଚ ଥିଲେ ହେଁ ଗାଡ଼ିର ପମ୍ପ ଗିଅର୍ କାର୍ଯ୍ୟ ନ କରିବାରୁ ନିଆଁକୁ ଲିଭାଇବାରେ ସକ୍ଷମ ହୋଇ ନ ଥିଲା। ଟାଟା ଷ୍ଟିଲ ଅଗ୍ନିଶମ ବିଭାଗ କୁଲିଂ ୱାଟର ସ୍ପ୍ରେ କରିବା ପରେ ନିଆଁକୁ ଲିଭାଇଥିଲେ।

## କେନ୍ଦୁଝର

## କୂଅରୁ ନିଖୋଜ ଯୁବକଙ୍କ ମୃତଦେହ ଜବତ

ଆନନ୍ଦପୁର,୪।୧(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅଧୀନ ରାମଚନ୍ଦ୍ରପୁରୁ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ଏକ ପରିତ୍ୟକ୍ତ କୂଅରୁ ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଶନିବାର ଜବତ ହୋଇଛି। ମୃତକ ବଡ଼ପଦନା ଗ୍ରାମର କାର୍ତ୍ତିକ ସାହୁ(୪୦)। ସେ ୩ ପୂର୍ବେ ଘରୁ କେଉଁଆଡ଼େ ଚାଲିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି ପରେ ନିରାସ ହୋଇ ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ। ୨୦ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା କୂଅରେ କାର୍ତ୍ତିକଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ରାମଚନ୍ଦ୍ରପୁର ପୋଲିସ ପହଞ୍ଚି ଘସିପୁରା ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ମୃତଦେହ ବାହାର କରିଥିଲା। ପୋଲିସ ଏକ ମାମଲା(ନଂ.୧/୨୫) ରୁଜୁକରିମୃତହେଦ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରଖିଛି।

## ସନ୍ତୋଷୀ ମା’ ବ୍ରତ ଶେଷ

ଛେନାପଦି,୪।୧(ନିରାକାର ପରିଡ଼ା): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକର ଗଳିଗୋପାଳପୁର ଗ୍ରାମରେ ପାଳିତ ହୋଉଥିବା ସନ୍ତୋଷୀ ମା’ଙ୍କ ବ୍ରତ ଶେଷ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଶହ ଶହ ଭକ୍ତ ପୂଜାରେ ସାମିଲ ହୋଇଛନ୍ତି। ଗଣେଶ ପୂଜା ପରେ ୧୬ ଶୁକ୍ରବାର ଏହି ବ୍ରତ ପାଳନ ପରେ ଶିନବାର ପୂର୍ଣ୍ଣାହୁତି ହୋଇଛି। ଦୀର୍ଘ ୩୦ ବର୍ଷ ଧରି ଏକ ଚାଳ ଘରେ ଏହି ପୂଜା ହେଉଥିଲା। ଶିକ୍ଷାବିତ୍ ଅଭିରାମ ସାଙ୍କ ଉଦ୍ୟମ କ୍ରମେ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ନୂତନ ମନ୍ଦିର ନିର୍ମାଣ କରାଯାଇ ମା’ଙ୍କ ପୂଜାର୍ଚ୍ଚନା କରାଯାଉଛି। ପ୍ରଥା ଅନୁସାରେ ପୂଜାପରେ ଛୋଟ ପିଲାଙ୍କୁ ପ୍ରସାଦ ଅର୍ପଣ କରିବା ପରେ ଶ୍ରଦ୍ଧାଳୁଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥାଏ। ଉତ୍ସବରେ ଶାନ୍ତିଲତା ସା କର୍ତ୍ତା ଭାବେ ସାମିଲ ହୋଇଥିବା ବେଳେ ସଂଯୁକ୍ତା ଲେଙ୍କା, ଜମୁନା ସା, ଝିନାରାଣୀ ସା, ରାଧାରାଣୀ ସା, ପ୍ରମିଳା ସା, ରୋନି ସା, ସୁକାନ୍ତି ଲେଙ୍କା, ମୋନାଲିସା ସା ପ୍ରମୁଖ ପରିଚାଳନା କରିଥିଲେ।

# ଭିଏସ୍ଏସ୍ ଆକାଉଣ୍ଟରେ ଜମା ହେଉନି ଟଙ୍କା

### ବେଆଇନ ଗଛକଟା ମାମଲା

କେନ୍ଦୁଝର,୪।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ କାଳିକାପ୍ରସାଦ ସଂରକ୍ଷିତ ଜଙ୍ଗଲରୁ ଅନୁମତିଠାରୁ ଅଧିକ ଗଛ କଟାଯାଇଥିଲା। ଉକ୍ତ ଗଛ ବିକ୍ରି ଟଙ୍କା ବନ ସୁରକ୍ଷା ସମିତି ଆକାଉଣ୍ଟରେ ଜମା ନ ହୋଇ ସଦସ୍ୟଙ୍କ ବ୍ୟକ୍ତିଗତ ଆକଉଣ୍ଟରେ ଜମା ହୋଇଥିଲା। ଏ ନେଇ ଅଭିଯୋଗ ପରେ ବନ ବିଭାଗ ତଦନ୍ତ କରି ଉକ୍ତ ଟଙ୍କା ସମିତି ଆକାଉଣ୍ଟରେ ଜମା କରିବାକୁ ସମିତି ସଭାପତିଙ୍କୁ ଚିଠି କରିଥିଲା। ମାତ୍ର ଚିଠିକୁ ୨ ମାସ ପୁରିଥିଲେ ମଧ ଟଙ୍କା ଜମା ହୋଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି।

ସୂଚନା ଅନୁଯାୟୀ, ଚମ୍ପୁଆ ରେଞ୍ଜ ଅନ୍ତର୍ଗତ କାଳିକାପ୍ରସାଦ ସଂରକ୍ଷିତ ଜଙ୍ଗଲରେ ୨୫୦୫ ୟୁକାଲିପଟାସ ଗଛ କଟାଯିବା ପାଇଁ କୃଷ୍ଣପୁର ବନ ସୁରକ୍ଷା ସମିତିକୁ ବନ ବିଭାଗ ଅନୁମତି ଦେଇଥିଲା। ତେବେ ଅନୁମତିଠାରୁ ଅଧିକ ଗଛ କଟାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଘଟଣାରେ ବନ ବିଭାଗ ପକ୍ଷରୁ ତଦନ୍ତ ପରେ ବନ ସୁରକ୍ଷା ସମିତିର ସଭାପତି ସମେତ ୧୩ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଗଛ ବିକ୍ରି ଟଙ୍କା ସେମାନଙ୍କର ବ୍ୟକ୍ତିଗତ ବ୍ୟାଙ୍କ ଖାତାରେ ଜମା ହୋଇଥିଲା। ଉକ୍ତ ୩୦ ଲକ୍ଷ ୬୫ ହଜାର ଟଙ୍କା ୩ ଦିନ ମଧ୍ୟରେ କୃଷ୍ଣପୁର ବନ ସୁରକ୍ଷା ସମିତିର ବ୍ୟାଙ୍କ ଅକାଉଣ୍ଟରେ ଜମା କରିବାକୁ ଚମ୍ପୁଆ ରେଞ୍ଜ ଅଫିସର ଦାୟିତ୍ୱରେ ଥିବା ଏସିଏଫ୍ ଅକ୍ଷୟ ଛତ୍ରିଆ ଭିଏସ୍ଏସ୍ ସଭାପତିଙ୍କୁ ଚିଠି(ନଂ. ୩୩୧୮/୨୮ନଭେମ୍ବର ୨୦୨୪) କରିଥିଲେ। ଉକ୍ତ ଅର୍ଥ ଜମା ନ କଲେ ଅର୍ଥ ହଡ଼ପ ମାମଲା ରୁଜୁ କରାଯିବ ବୋଲି ଚିଠିରେ ଉଲ୍ଲେଖ ଥିଲା। ତେବେ ଅଦ୍ୟାବଧି ଟଙ୍କା ଜମା ହୋଇ ନ ଥିଲେ ହେଁ କେସ ରୁଜୁ ହୋଇନାହିଁ। ଚିଠି କରାଯିବାର ୨ ମାସ ପରେ ମଧ ଟଙ୍କା ଜମା ହୋଇ ନ ଥିଲେ ବି ମାମଲା ରୁଜୁ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ବାସିନ୍ଦା ବନ ବିଭାଗର ଭୂମିକାକୁ ନେଇ ସନ୍ଦେହ ପ୍ରକଟ କରୁଛନ୍ତି। ଚମ୍ପୁଆ ରେଞ୍ଜ ଦାୟିତ୍ୱରେ ଥିବା ଏସିଏଫ୍ ଅକ୍ଷୟ ଛତ୍ରିଆ କହିଛନ୍ତି, ଟଙ୍କା ଜମା କରିବାକୁ କୃଷ୍ଣପୁର ବନ ସୁରକ୍ଷା ସମିତିକୁ କୁହାଯାଇଛି। ଥାନାରେ ଏତଲା ଦିଆଯିବ। ସେହିପରି କଟା ଗଛର ମୂଳ ଗଣତି କାର୍ଯ୍ୟ ଶୀଘ୍ର ଶେଷ କରାଯିବ ବୋଲି କହିଛନ୍ତି। ଏ ନେଇ ବନ ବିଭାଗ ଅବହେଳା କରୁଥିବାରୁ କୃଷ୍ଣପୁର ଗ୍ରାମବାସୀ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲର ଆଶ୍ରୟ ନେବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଗଛ କଟାପରେ ନିମୟ ଅନୁସାରେ ବିକ୍ରି ବାବଦ ଅର୍ଥ ବନ ସୁରକ୍ଷା ସମିତିର ବ୍ୟାଙ୍କ ଆକାଉଣ୍ଟରେ ଜମା ହେବ। ଉକ୍ତ ଗଛ କଟାଯାଇ ବିକ୍ରି କରାଯିବା ପରେ ଏହି ବିକ୍ରୟ ମୂଲ୍ୟର ୪୦ ପ୍ରତିଶତ ଗାଁର ଉନ୍ନତିକରଣ, ୪୦ ପ୍ରତିଶତ ଭିଏସ୍ଏସ୍ ସଦସ୍ୟଥିବା ଗ୍ରାମବାସୀଙ୍କ ମଧ୍ୟରେ ବଣ୍ଟାଯିବ ଏବଂ ଅବଶିଷ୍ଟ ୨୦ ପ୍ରତିଶତ ଅର୍ଥ ଗଛ କଟାଯାଇଥିବା ଜଙ୍ଗଲରେ ପୁନର୍ବାର ଚାରାରୋପଣ ପାଇଁ ଜମା ରଖିବାର ବ୍ୟବସ୍ଥା ରହିଛି।

## ଖଣିଜ ପରିବହନ ସଂସ୍ଥାର ଲାଇସେନ୍ସ ରଦ୍ଦ

ଯୋଡ଼ା,୪।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ରୋଇଡ଼ାସ୍ଥିତ ଓଏମ୍‌ଡିସି( ଓଡ଼ିଶା ମାଇନିଂ ଡେପଲପମେଣ୍ଟ କର୍ପୋରେଶନ) ଖଣିରୁ ବେଆଇନ ଭାବେ ଖଣିଜ ପରିବହନ ହେଉଥିଲା। ଖଣି ବିଭାଗ ବିନା ଅନୁମୋଦିତ ଷ୍ଟକ୍‌ରୁ ଖଣିଜ ପରିବହନ ହେଉଥିଲା। ଖବର ପାଇ ଗତ ୨୮ ତାରିଖରେ ପୋଲିସ ଓ ଖଣି ବିଭାଗ ଚଢ଼ାଉ କରିଥିଲା। ତଦନ୍ତ ପରେ ଖଣିଜ ପରିବହନ କରୁଥିବା ସଂସ୍ଥାର ଲାଇସେନ୍ସ ବିଭାଗ ପକ୍ଷରୁ ରଦ୍ଦ ହୋଇଛି।

ଘଟଣାରେ ଓଏମ୍‌ଡିସି ଖଣି ସମେତ ପରିବହନକାରୀ ସଂସ୍ଥା ତୁଳସୀ ଟ୍ରାନ୍ସପୋର୍ଟ ତଦନ୍ତ ପରିସରଭୁକ୍ତ ହୋଇଥିଲା। ଖଣି ଉପ ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି (ସଂଖ୍ୟା ୨୭, ୧ ଜାନୁୟାରୀ ୨୦୨୫) ମାଧ୍ୟମରେ ଟ୍ରାନ୍ସପୋର୍ଟ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ୍ କରିଥିଲା। ଏଥିସହ ପରିବହନ ସଂସ୍ଥାର ଲାଇସେନ୍ସକୁ ରଦ୍ଦ କରାଯାଇଥିବା ଜଣାପଡ଼ିଛି। ଚିଠିରେ ଉଲ୍ଲେଖ ଅଛି, ଲୁହାପଥର ଗୁଣ୍ଡ ଥିବା ଷ୍ଟାକ୍ ସଂଖ୍ୟା ୩୧୦ରୁ ପରିବହନ ନ କରି ଷ୍ଟକ୍‌ରୁ ପରିବହନ ହେଉଥିଲା। ଏଥିରେ ୧୩ଟି ଟ୍ରକ୍‌କୁ ଖଣି ବିଭାଗ ଜବତ କରିଥିଲା। ଖଣି ଅଧିକାରୀ ଦେବେନ୍ଦ୍ର ନାଥ ଦଳେଇ କହିଛନ୍ତି, ତଦନ୍ତ ପ୍ରକ୍ରିୟା ଚାଲିଛି। ଆକଳନ ପରେ ସମ୍ପୃକ୍ତ ଓଏମ୍‌ଡିସି ଖଣି ଏବଂ ପରିବହନ ସଂସ୍ଥା ବିରୋଧରେ କମ୍ପାଉଣ୍ଡ କେସ୍ କରାଯିବ। ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲ କହିଛନ୍ତି, ଖଣିରେ ଅନିୟମିତତା କରୁଥିବା ପରିବହନକାରୀ ସଂସ୍ଥା ଓ ଅସାଧୁ ଖଣି ଲିଜ୍‌ଧାରୀଙ୍କ ବିରୋଧରେ ଜିରୋ ଟୋଲେରେନ୍ସ କରାଯାଉଛି। ଗତ କିଛି ମାସ ତଳେ ଓଡ଼ିଶା ଖଣି ନିଗମ ଖଣିରୁ ଏହିପରି ଭାବେ ଅନିୟମିତତା କରାଯାଇଛି।

## ପ୍ରକୃତି, ପରିବେଶ ସୁରକ୍ଷା ସଚେତନତା




ଛେନାପଦି,୪।୧(ନିରାକାର ପରିଡ଼ା)

କେନ୍ଦୁଝର ଜିଲା ହଦଗଡ଼ ବନ୍ୟପ୍ରାଣୀ ବନଖଣ୍ଡ ଅଞ୍ଚଳରେ ପ୍ରକୃତି ଓ ପରିବେଶ ସୁରକ୍ଷା ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଯୁବ ଲେଖକ, ପତ୍ରକାର, ପ୍ରକୃତି ବନ୍ଧୁ ଓ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପ୍ରାପ୍ତ ତଥା ସାମାଜିକ କର୍ମୀ ଚନ୍ଦନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଆଞ୍ଚଳିକ କାର୍ଯ୍ୟାଳୟ ଏବଂ ଆନନ୍ଦପୁର ବନଖଣ୍ଡ ଅଧୀନ ହଦଗଡ଼ ବନ୍ୟପ୍ରାଣୀ ବନାଞ୍ଚଳର ମିଳିତ ଆନୁକୂଲ୍ୟରେ ପ୍ରକୃତି ସୁରକ୍ଷା, ବନାଗ୍ନି ନିରାକରଣ, ବନ୍ୟପ୍ରାଣୀ ସଂରକ୍ଷଣ, ନିଶା ଦ୍ରବ୍ୟ, ପ୍ଲାଷ୍ଟିକ୍, ପଲିଥିନ୍ ବର୍ଜନ ଅଭିଯାନ ଆରମ୍ଭ ହୋଇଛି। ଆଞ୍ଚଳିକ ଶାଖା କେନ୍ଦୁଝର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କ୍ଷେତ୍ର ସହଯୋଗୀ ସତ୍ୟ ନାରାୟଣ ଦାଶ, ଶୁଭମ ବେହେରା, ହଦଗଡ଼ ବନପାଳ ମଳୟ ସାହୁ, ବନରକ୍ଷୀ ଜ୍ୟୋତି ରଞ୍ଜନ ମାଝୀ, ଜଙ୍ଗଲ ସୁରକ୍ଷା ଦଳର ପ୍ରହ୍ଲାଦ ଜେନା ଓ ଅର୍ଜୁନ ହାଁସଦା ଯୋଗଦାନ କରି ହଦଗଡ଼ଠାରେ ପର୍ଯ୍ୟଟକଙ୍କୁ ପରିବେଶ ସୁରକ୍ଷା, ବନ୍ୟପ୍ରାଣୀ ସଂରକ୍ଷଣ, ଜଙ୍ଗଲ ନିଆଁ ନିବାରଣ ଏବଂ ପ୍ଲାଷ୍ଟିକ୍, ପଲିଥିନ୍, ନିଶା ବର୍ଜନ କରିବା ଓ ଶବ୍ଦ ପ୍ରଦୂଷଣ ନ କରିବା ନିମନ୍ତେ ପ୍ରଚାର ପତ୍ର ବଣ୍ଟନ କରିଥିଲେ। ସେଠାରେ ଥିବା ଦୋକାନ ଓ ବଣଭୋଜି ପାଇଁ ଆସିଥିବା ପର୍ଯ୍ୟଟକଙ୍କଠାରୁ ୯ କିଗ୍ରା ୩୭୦ ଗ୍ରାମର ପଲିଥିନ, ଥର୍ମୋକୁଲ ଓ ପ୍ଲାଷ୍ଟିକ ଜାତୀୟ ପଦାର୍ଥ ଜବତ କରାଯାଇଥିଲା। ପ୍ରତିବଦଳରେ ସମସ୍ତଙ୍କୁ ଶାଳପତ୍ର ଖଲି ଓ ଚଉତି ପ୍ରଦାନ କରାଯାଇଥିଲା। ପ୍ରବୀର ନାୟକ, ସସ୍ମିତା ନାୟକ, କଳ୍ପନା ନାୟକ, ମାଳତୀ ହୋ, ସଞ୍ଜୁ ପାତ୍ର ଓ ଶଙ୍କର୍ଷଣ ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ସମୟରେ ଟଳିପଡ଼ିଲେ ଶ୍ରମିକ

କେନ୍ଦୁଝର,୪।୧(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ୍ ତେନ୍ତେଳାପଶି ପଞ୍ଚାୟତ ଅଲଣାପଦା ଗ୍ରାମରେ ଭାରତ ସରକାରଙ୍କ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବର୍ଷାଜଳ ଅମଳ ପ୍ରକଳ୍ପ କାମ ସମୟରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ଉକ୍ତ ଗ୍ରାମର ବିଟୁ ନାଏକଙ୍କ ପୁଅ କେଶବ ନାଏକ। ପ୍ରକାଶ ଯେ, ପ୍ରକଳ୍ପରେ ଗ୍ରାମର ଜବକାର୍ଡଧାରୀ ଶ୍ରମିକମାନେ କାମ କରି ନିଜ ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। କେଶବ ଗତ ୨ ତାରିଖରେ ସମସ୍ତ ଅଣକୁଶଳୀ ଶ୍ରମିକଙ୍କ ସହିତ ମାଟି ଖୋଳୁଥିବା ସମୟରେ ଅସୁସ୍ଥ ହୋଇଯାଇଥିଲେ। କାମ କରୁଥିବା ଶ୍ରମିକ ଓ ମେଟ୍ ତାଙ୍କୁ ତୁରନ୍ତ ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। କେଶବଙ୍କ ଶୁଦ୍ଧକର୍ମରେ ସରକାରଙ୍କ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆଇନ ଅନ୍ତର୍ଗତ ସରକାରୀ ସହାୟତା ପ୍ରଦାନ କରିବାକୁ ଶ୍ରମିକ ସଂଗଠନ ଅନୁରୋଧ କରିଛି।

## ରାଜ୍ୟସ୍ତରୀୟ କମିଟିକୁ ଯାଞ୍ଚ ନିର୍ଦ୍ଦେଶ

### ଡିଏମ୍‌ଏଫ୍ ଅନୁଦାନ ଦୁର୍ନୀତି ପ୍ରସଙ୍ଗ

କେନ୍ଦୁଝର/ହାଟଡ଼ିହୀ,୪।୧(ନରେଶ ଚନ୍ଦ୍ର ପଟ୍ଟନାୟକ/ଶୁଭକାନ୍ତ ନାୟକ): କେନ୍ଦୁଝର ଡିଏମ୍‌ଏଫ୍ (ଜିଲା ଖଣିଜ ପାଣ୍ଠି)ଅନୁଦାନ ଅପବ୍ୟବହାର, ଅନିୟମିତତା, ଦୁର୍ନୀତି ବାବଦରେ ଦାୟର ମାମଲାରେ ବିଚାର କରି ଓଡ଼ିଶା ହାଇକୋର୍ଟ ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଏବଂ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟସ୍ତରୀୟ କମିଟିକୁ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ସମ୍ପର୍କରେ ଜଣାଇବାକୁ କହିଛନ୍ତି।

ସୂଚନାଯୋଗ୍ୟ, କେନ୍ଦୁଝର ଡିଏମ୍‌ଏଫ୍ ଅନୁଦାନକୁ ବିନା ଟେଣ୍ଡରରେ କାର୍ଯ୍ୟ କରିବା, ଠିକ୍ ଅନୁପାତରେ ଅନୁଦାନ ରିଲିଜ୍ ନ କରିବା, ୟୁସି ଉପଲବ୍ଧ ନ ହେବା, ଇ ଆଣ୍ଡ ୱାଇ ଏଲ୍‌ଏଲ୍‌ପି ନାମକ ଠିକା ସଂସ୍ଥାକୁ ଅଗ୍ରୀମ ଦରମା ପ୍ରଦାନ, ଟ୍ରଷ୍ଟ ବୋର୍ଡ ବିନା ଆପ୍ରୁଭାଲରେ ପ୍ରକଳ୍ପ ଏବଂ ଏଗ୍ରିମେଣ୍ଟ କାର୍ଯ୍ୟକାରୀ, ପ୍ରକଳ୍ପର ଏଷ୍ଟିମେଟ୍ ମୂଲ୍ୟଠାରୁ ଅଧିକ ଅନୁଦାନ ଖର୍ଚ୍ଚ, ଡିଏମ୍‌ଏଫ ବ୍ୟାଙ୍କ ପାସ୍ ବହିରେ ଉପଲବ୍ଧ ସୁଧ ଟଙ୍କା ହେରଫେର, ମନଇଚ୍ଛା ନିଯୁକ୍ତି କରାଯାଇ ଅନୁଦାନ ଖର୍ଚ୍ଚ ହେବା, କଣ୍ଟିଜେନ୍ସି ଅନୁଦାନରେ ବ୍ୟାପକ ଅନିୟମିତତା ଆଦି ଅଭିଯୋଗ ଓଡ଼ିଶା ମୁଖ୍ୟମନ୍ତ୍ରୀ, ଚିଫ୍ ସେକ୍ରେଟାରୀ, ଯୋଜନା ଏବଂ ସଂଯୋଜନା ବିଭାଗ, କେନ୍ଦୁଝର ଜିଲାପାଳଙ୍କ ନିକଟରେ ପ୍ରଥମେ ଅଭିଯୋଗ ହୋଇଥିଲା। ପରେ ୨୨ ଅକ୍ଟୋବର ୨୦୨୪ରେ ହାଇକୋର୍ଟରେ ମାମଲା ଦାୟର ହୋଇଥିଲା। ୩୦ ଅକ୍ଟୋବରରେ ୨୦୨୪ରେ ଜବାବ ଦାଖଲ ପାଇଁ ଡିଏମ୍‌ଏଫ୍ ଚେୟାରମ୍ୟାନଙ୍କୁ ନୋଟିସ ଜାରି ହୋଇଥିଲା। ୨୭ ନଭେମ୍ବର ୨୦୨୪ରେ ଜିଲାପାଳଙ୍କ ତରଫରୁ ଜବାବଦାଖଲ ହୋଇଥିଲା। ତେବେ ରିଟ୍ ପିଟିସନରେ ହୋଇଥିବା ଅଭିଯୋଗ ଏବଂ ସତ୍ୟପାଠ ମାଧ୍ୟମରେ ରେକର୍ଡରେ ଅଣାଯାଇଥିବା ଦସ୍ତାବିଜ୍‌କୁ ଦୃଷ୍ଟିରେ ରଖି ହାଇକୋର୍ଟ ଅଭିଯୋଗଗୁଡ଼ିକ ରାଜ୍ୟସ୍ତରୀୟ କମିଟି ଦ୍ୱାରା ଯାଞ୍ଚ ନେଇ ନିର୍ଦ୍ଦେଶ ଦେଇଛନ୍ତି। ୬ ମାର୍ଚ୍ଚ ୨୦୨୫କୁ ପରବର୍ତ୍ତୀ ଶୁଣାଣି ତାରିଖ ଧାର୍ଯ୍ୟ ହୋଇଛି।

## ମୟୂରଭଞ୍ଜ

## ମହୁଲ ବୋଝେଇ ଗାଡ଼ି ଜବତ



ବାରିପଦା,୪।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)– ଝାଡ଼ଖଣ୍ଡରୁ କପ୍ତିପଦାକୁ ଚୋରାରେ ଆସୁଥିବା ଏକ ମହୁଲ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ଅବକାରୀ ବିଭାଗ ଜବତ କରିଛି। ଏହି ଘଟଣାରେ ଜଡ଼ିତ ୩ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନେ ହେଲେ କପ୍ତିପଦା ଅଞ୍ଚଳର ଜିତରାମ ବିନ୍ଧାଣି, ପ୍ରକାଶ ଦଳେଇ ଓ ସମରେନ୍ଦ୍ର ଦଳେଇ।

ଜିଲା ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ କୁଳିଅଣା ଅବକାରୀ ବିଭାଗ ପୂର୍ବ ଯୋଜନା ମୁତାବକ ଝାରପୋଖରିଆଠାରେ ଉକ୍ତ ପିକ୍‌ଅପ୍ ଭ୍ୟାନ୍‌କୁ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ୨୪ କୁଇଣ୍ଟାଲ ମହୁଲ ଜବତ ହୋଇଥିଲା, ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ପରେ ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଚଢ଼ାଉ ସମୟରେ ଓଆଇସି ଜ୍ଞାନେଶ୍ୱରୀ ବିଶ୍ୱାଳ, ଏଏସ୍‌ଆଇ ତପନ କୁମାର ସାହୁ, କନଷ୍ଟେବଲ ଅରୁଣରାଜ ତରେଇ ଓ ମମତା ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରି ବୋଲେରୋ ଜବତ

ରାଇରଙ୍ଗପୁର,୪।୧(ମାନସ ମହାନ୍ତି)– ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅଞ୍ଚଳରୁ ଚୋରି ହୋଇଥିବା ଏକ ବୋଲେରୋ ବହଳଦା ଥାନା ଅଧୀନ ବଡ଼ଦୁହୁ ଗାଁରୁ ଜବତ ହୋଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଝାଡ଼ଖଣ୍ଡ ଜରେଇକେଲା ଅଞ୍ଚଳର ଜାକିର ଅହମ୍ମଦ। ଏନେଇ ଯଶୀପୁର ଥାନାରେ ଏକ ମାମଲା(ନଂ.୫/୨୪) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଯଶୀପୁର ଥାନା ଅଧୀନ ମହତାପଳଶା ଗ୍ରାମର ନିତ୍ୟାନନ୍ଦ ବେହେରାଙ୍କ ବୋଲେରୋ ଶୁକ୍ରବାର ରାତିରେ ଚୋରି ହୋଇଥିଲା। ଏ ସମ୍ପର୍କିତ ଅଭିଯୋଗକୁ ଭିତ୍ତି କରି ଯଶୀପୁର ଓ ବହଳଦା ଥାନା ପୋଲିସ ମିଳିତ ଭାବେ ଚଢ଼ାଉ କରି ବହଳଦା ଥାନା ଅଧୀନ ବଡ଼ଦୁହୁ ଗାଁରୁ ବୋଲେରୋ ଜବତ କରିଥିଲେ।

# ମନମୋହିଲା ଆଦିବାସୀ ନୃତ୍ୟ

### ଧୁମୁସା ମହୋତ୍ସବ ତୃତୀୟ ସନ୍ଧ୍ୟା

ଉଦଳା,୪।୧(ସନ୍ତୋଷ କୁମାର ବାଛିନୀ)




ଜଣେ ସଫଳ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଉଦଳା ମହୋତ୍ସବ ଧୁମୁସାର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି ସନ୍ଧ୍ୟା କପ୍ତିପଦା ବ୍ଲକ ପାଇଁ ରହିଥିବା ବେଳେ ଏଥିରେ ଉପଜିଲାପାଳ ସୁଶାନ୍ତ କୁମାର ବାରିକ ସଭାପତିତ୍ୱ କରିଥିଲେ। ଉପସ୍ଥିତ ଅତିଥିମାନେ ଧୁମୁସା ବେଲୁନର ଉଡ଼ାଣ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଭାସ୍କର ମଢ଼େଇ, ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ମୁଖ୍ୟବକ୍ତା ଏନ୍‌ଏସି ଅଧକ୍ଷା ପ୍ରମିଳା ପଣ୍ଡାଙ୍କ ସମେତ କପ୍ତିପଦା ବିଡିଓ ସିଦ୍ଧେଶ୍ୱର ନାୟକ, ତହସିଲଦାର ଆଶିଷ କୁମାର ମହାପାତ୍ର, କପ୍ତିପଦା ବ୍ଲକ ଅଧକ୍ଷ କାହ୍ନୁଚରଣ ସୋରେନ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ଆଦିବାସୀ ନୃତ୍ୟ ଏବଂ ଧୁମୁସାର ତାଳରେ ସମସ୍ତେ ନାଚିଥିଲେ। ଉପସ୍ଥାପିକା ଅନୁରାଧାଙ୍କ ସୁନ୍ଦର ଉପସ୍ଥାପନା ସମସ୍ତଙ୍କୁ ଜାବୁଡି ରଖିଥିଲା। ସିନେ ତାରକା ରାହୁଲ ଓ ଡୋଲ ମିଶ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସମସ୍ତେ ବେଶ ଉପଭୋଗ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ଓ ଖ୍ୟାତି ଅର୍ଜନ କରିଥିବା ଦିବ୍ୟରଞ୍ଜନ ଦଳେଇ, କାର୍ତ୍ତିକେଶ୍ୱର ନାଏକ, ଯମୁନାରାଣୀ ମୁର୍ମୁ, ଦିବ୍ୟଜ୍ୟୋତି ପରିଡ଼ା, ବରିଷ୍ଠ ବ୍ୟକ୍ତିତ୍ୱ ଶରତ ଚନ୍ଦ୍ର ମିଶ୍ର ଏବଂ ଓଏଏସ୍‌ରେ ସଫଳତା ପାଇଥିବା ବ୍ରିଜେଶ ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ୪ ସୋମବାର ହେବ ଅଭିଯୋଗ ଶୁଣାଣି

ବାରିପଦା,୪।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ପ୍ରଶାସନ ଅନୁକୂଲ୍ୟରେ ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ଜାନୁଆରୀ ମାସରେ ଅନୁଷ୍ଠିତ ହେବାକୁ ଥିବା ମିଳିତ ଜନ ଶୁଣାଣି ଶିବିର ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ମାସର ପ୍ରଥମ ସୋମବାର ୬ ତାରିଖରେ ସଦର ମହକୁମା ଉପଖଣ୍ଡ ବାରିପଦାର ୧୦ଟି ବ୍ଲକର ଜନସାଧାରଣଙ୍କ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଶିବିର ଅନୁଷ୍ଠିତ ହେବ। ୧୩ ତାରିଖରେ ବାମନଘାଟି ଉପଖଣ୍ଡର ୭ଟି ବ୍ଲକର ଜନସାଧାରଣଙ୍କ ପାଇଁ ବାମନଘାଟି ଉପଜିଲାପାଳ, ରାଇରଙ୍ଗପୁରଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ୨୦ ତାରିଖରେ ପଞ୍ଚପୀଢ଼ ଉପଖଣ୍ଡର ୫ଟି ବ୍ଲକର ଜନସାଧାରଣଙ୍କ ପାଇଁ କରଞ୍ଜିଆ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ୨୭ ତାରିଖରେ କପ୍ତିପଦା ଉପଖଣ୍ଡର ୪ଟି ବ୍ଲକର ଜନସାଧାରଣଙ୍କ ପାଇଁ ଉଦଳାସ୍ଥିତ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ। ବାରିପଦାଠାରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ଲାଇନ ବିଭାଗ ଅଧିକାରୀ, ବାରିପଦା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରମାନଙ୍କ ଉପସ୍ଥିତିରେ ଏବଂ ଜିଲାର ଅନ୍ୟ ଉପଖଣ୍ଡ ମାନଙ୍କରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡସ୍ତରୀୟ ଜନ ଶୁଣାଣି ଶିବିରରେ ସମ୍ପୃକ୍ତ ଉପଖଣ୍ଡର ଉପଖଣ୍ଡସ୍ତରୀୟ ଅଧିକାରୀଙ୍କ ସମେତ ସମ୍ପୃକ୍ତ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଲାଇନ ବିଭାଗ ଅଧିକାରୀ ମାନଙ୍କ ଉପସ୍ଥିତିରେ ଅଭିଯୋଗ ଶୁଣାଣି ହେବ। ଉକ୍ତ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ସମ୍ପୃକ୍ତ ଉପଖଣ୍ଡ ଅଞ୍ଚଳର ଜନସାଧାରଣ ନିଜର ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଉପସ୍ଥିତ ରହି ଜଣାଇ ପାରିବେ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି ସୂଚନା ଦେଇଛନ୍ତି।

## ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବାରିପଦା,୪।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ କୃଷିର ଉନ୍ନତି ଓ କୃଷକଙ୍କ ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ବାରିପଦା ଛଉ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ନବ ଚରଣ ମାଝୀ ଉପସ୍ଥିତ ରହି ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଚାଷ ହେଉଛି ମୟୂରଭଞ୍ଜର ଅର୍ଥନୀତି। କୃଷି ହିଁ ଏଠାକାର ସାଂସ୍କୃତିକ ଓ ସାମାଜିକ ଏକତାର ମୂଳ ଉପାଦାନ ବୋଲି ସେ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସାରସକଣା ବିଧାୟକ ଭାଦବ ହାଁସଦାଃ, ବାରିପଦା ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତି, ଅତିରିକ୍ତ ଜିଲାପାଳ ବିଭୂତି ଭୂଷଣ ନାୟକ, ଜିଲା ମୁଖ୍ୟ କୃଷି ଅଧିକାରୀ ଜ୍ଞାନ ବଲ୍ଲଭ ଦାସ, କୃଷି ନିର୍ବାହୀ ଯନ୍ତ୍ରୀ ଶ୍ରୀନିବାସ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି କୃଷକମାନଙ୍କୁ ସମସ୍ତ ପ୍ରକାର ଚାଷ ଉପକରଣ ଅନଲାଇନ ମାଧ୍ୟମରେ ଯୋଗାଇ ଦିଆଯାଉଛି । ଚାଷ ସମେତ ସବାଇ ଘାସ, ଷ୍ଟ୍ରବେରୀ ଓ ଅନ୍ୟାନ୍ୟ କୁଟୀର ଶିଳ୍ପ ସମୂହ ରହିଛି । ଆଧୁନିକ କୃଷି ଅର୍ଥନୀତି ଗଢି ତୋଳିବା ପାଇଁ କୃଷି ବିଭାଗର ଉଦ୍ୟମ ଅନବରତ ଜାରି ରହିଛି ବୋଲି କହିଥିଲେ। ଏହି ଅବସରରେ ଏମ୍‌ପି ମାଝୀ ଚାଷୀମାନଙ୍କୁ ଆଧୁନିକ କୃଷି ଉପକରଣକୁ ପ୍ରଦାନ କରିଥିଲେ। ବିଭିନ୍ନ ରକମର ଚାଷ କରୁଥିବା ଚାଷୀ ଓ ସଂସ୍ଥାମାନଙ୍କୁ ପୁରସ୍କୃତ କରାଯାଇଥିଲା।ଏହି ମେଳାରେ ୩୦ଟି ଷ୍ଟଲରେ କୃଷି ଯନ୍ତ୍ରପାତି ବିକ୍ରୟ ହେବା ସହିତ ପ୍ରତିଦିନ ଚାଷୀଙ୍କ ନିମନ୍ତେ ବୈଷୟିକ ଜ୍ଞାନ କୌଶଳ ଚକ୍ର ଆୟୋଜନ କରାଯାଇଛି । ବିଭିନ୍ନ ଚାଷରେ ସଫଳ ଚାଷୀଙ୍କୁ ଜିଲା କୃଷି ଅନୁଭାଗ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ପୁରସ୍କୃତ ଚାଈମାନେ ହେଲେ ରାକ୍ଷୀ ପାଣି, ପ୍ରଫୁଲ୍ଲ ମଢୁଆଳ, ମନୋରଞ୍ଜନ ରାଉତ, ଭାଗବତ ପାତ୍ର ଓ ରଞ୍ଜିତା ଗିରି। କୃଷି ଉପ ନିର୍ଦ୍ଦେଶିକା ମଧୁସ୍ମିତା ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ଅତିରିକ୍ତ କୃଷି ଅଧିକାରୀ ସୁଧାଂଶୁ ଶେଖର ପଣ୍ଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ।

## ହାତୀ ଆକ୍ରମଣରେ ଜୀବନ ଗଲା

ବାରିପଦା,୪।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ହାତୀ ଉତ୍ପାତ ବଢୁଥିବାରୁ ଆତଙ୍କ ଖେଳିଯାଇଛି। ୪୮ ଘଣ୍ଟା ମଧ୍ୟରେ ପୁଣି ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବାରିପଦା ବନଖଣ୍ଡ ଅନ୍ତର୍ଗତ ଶ୍ୟାମାଖୁଣ୍ଟା ଅଞ୍ଚଳର ଦାଡଦୁଡ ଗ୍ରାମର ମଧୁସୂଦନ ପାଣ୍ଡେ। ବାରିପଦା ସହର ଉପକଣ୍ଠ ଶ୍ୟାମାଖୁଣ୍ଟା ଅଞ୍ଚଳରେ ୪୦ଟିକିଆ ହାତୀପଲ ଚଳପ୍ରଚଳ କରୁଛନ୍ତି। ଶନିବାର ସକାଳେ ମଧୁସୂଦନ ଶୌଚ ହେବାକୁ ବିଲକୁ ଯାଇଥିବା ବେଳେ ହାତୀ ଆକ୍ରମଣରେ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ବାରିପଦାସ୍ଥିତ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି ହୋଇଛି।

## ଗଡ଼ିଲା ସଡ଼କ ସୁରକ୍ଷା ସଚେତନତା ରଥ




ସଚେତନତା ରଥ ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥିମାନେ।

ରାଇରଙ୍ଗପୁର,୪।୧(ମାନସ ମହାନ୍ତି)

ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡ ପ୍ରଶାସନ ଓ ଅତିରିକ୍ତ ପରିବହନ ବିଭାଗ ଆନୁକୂଲ୍ୟରେ ସଚେତନତା ରଥ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉପଜିଲାପାଳ ସୌମ୍ୟ ରଞ୍ଜନ ପ୍ରଧାନ ଏବଂ ଅତିରିକ୍ତ ପରିବହନ ଅଧିକାରୀ ସନ୍ଦୀପ ପାଇକରାୟ ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କ ସମେତ ପ୍ରଶାସନିକ ଓ ପରିବହନ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।

